# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ
# କାମାକ୍ଷାନଗର

## ସର୍ବସାଧାରଣ ନୋଟିସ

**ନୋଟିସ ନଂ-** ୫୫୨ // **ତା.-** ୨୪/୨/୨୬ //

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି , କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଥିବା ସୈରାତ,ହାଟ ଓ ଅନ୍ୟାନ୍ୟ ସମ୍ପତି ଗୁଡିକ ନିମ୍ନଲିଖିତ ସମୟ ଓ ପରିଚାଳନା ପାଇଁ ଲିଜ ଦେବା ନିମନ୍ତେ ଆସନ୍ତା **ତା. ୨୬.୦୨.୨୦୨୬ ରିଖ ପୂର୍ବାହ୍ନ ଘ.୧୦.୦୦ଣ୍ଟା ଠାରୁ ତା.୦୯.୦୩.୨୦୨୬ ରିଖ ପୂର୍ବାହ୍ନ ଘ.୧୨.୦୦ଣ୍ଟା** ମଧ୍ୟରେ ପରିଷଦର କାର୍ଯ୍ୟାଳୟ ରୁ ନିର୍ଦ୍ଧିଷ୍ଟ ଟେଣ୍ଡର ଫର୍ମକ୍ରୟ କରିପାରିବେ (ସରକାରୀ ଛୁଟିଦିବସ ବ୍ୟତୀତ) । **ତା.୦୯.୦୩.୨୦୨୬ ରିଖ ସୋମବାର ଦିନ ପୂର୍ବାହ୍ନ ଘ.୧୨.୦୦ ମିନିଟ ଠାରୁ ଅପରାହ୍ନ ଘ.୦୧.୦୦ ମିନିଟ** ସମୟ ପର୍ଯ୍ୟନ୍ତ ଜଉମୁଦ ଟେଣ୍ଡର ଗ୍ରହଣ କରାଯିବ ଓ **ଅପରାହ୍ନ ଘ.୧.୧୫ ମି ସମୟରେ ଟେଣ୍ଡର ଖୋଲାଯିବ ।** ଟେଣ୍ଡର ପକାଇବା ସମୟରେ ନିମ୍ନଲିଖିତ ସର୍ତ୍ତାବଳୀ ପାଳନ କରିବେ ଏବଂ ପରିଷଦର ନିୟମାନୁଯାୟୀ ସମ୍ପତି ପରିଚାଳନା କରିବେ ଏବଂ ଫି ଇତ୍ୟାଦି ଆଦାୟ କରିବେ ।

**୧.** ଜଉମୁଦ ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ନିର୍ଦ୍ଧାରିତ ମୂଲ୍ୟର ୨୦% ପ୍ରତିଶତ ଟଙ୍କା ( ଯେଉଁ ସୈରାତ ସମ୍ପତି ଗୁଡିକୁ ଟେଣ୍ଡର ନେବାକୁ ଚାହାଁନ୍ତି ) ଅର୍ଥାତ ସେହି ସମ୍ପତିର ନିର୍ଦ୍ଧାରିତ ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ,କାମାକ୍ଷାନଗରଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଟେଣ୍ଡର ପେପର ସହିତ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ମୁଦ ଲଫାପାରେ ପକାଇବେ । ଯାହାଙ୍କର ଟେଣ୍ଡର ସିଦ୍ଧାନ୍ତ ହେବ ନାହିଁ ତାଙ୍କ ଟଙ୍କା ଫେରସ୍ତ ଦିଆଯିବ ।

**୨.** ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦ ପାଉଣା ବକେୟା ଥିବ ସେମାନଙ୍କ ଟେଣ୍ଡରରେ ଭାଗ ନେଇ ପାରିବେ ନାହିଁ । ଯଦି କରିଥାନ୍ତି ତେବେ ତାହା ଗ୍ରହଣୀୟ ହେବ ନାହିଁ ।

**୩.** ଟେଣ୍ଡର ଫର୍ଦ୍ଦ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ହେବା ପରେ ଟେଣ୍ଡରଧାରୀ ନୋଟିସ ପାଇବାର ୩ ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ପରିଷଦ ସହିତ ଚୁକ୍ତି ସମ୍ପାଦନ କରିବା ସଙ୍ଗେ ସଙ୍ଗେ ସମସ୍ତ ଟଙ୍କା ପରିଷଦ ପାଣ୍ଠିରେ ଦାଖଲ କରିବେ । ଏହାପରେ ସମ୍ପତି ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯିବ ।

**୪.** ଟେଣ୍ଡରଧାରୀ ନିମ୍ନ ସମ୍ପତି ପାଇଁ ପରିଷଦ ନିର୍ଦ୍ଧାରିତ ଧାର୍ଯ୍ୟ ଯାଗାରୁ ମହାସୁଲ ଆଦାୟ କରିବେ ।

**କ) ବସଷ୍ଟାଣ୍ଡ ପାର୍କିଂ ଫି ଆଦାୟ-** ବସଷ୍ଟାଣ୍ଡ ପାର୍କିଂ ଫି ଆଦାୟ ପରିଷଦ ଦ୍ଵାରା ନିର୍ଦ୍ଧାରିତ ବସଷ୍ଟାଣ୍ଡ ରୁ ବସ ମାନଙ୍କ ଠାରୁ ଷ୍ଟାଣ୍ଡ ଫି ବାବଦରେ ଦୈନିକ ଟ.୨୦.୦୦ଙ୍କା ଲେଖାଏଁ ଫି ଆଦାୟ କରାଯିବ । ଏହି ଫି ଦିନ ଓ ରାତି ମଧ୍ୟରେ ପାର୍କିଂ କରୁଥିବା ବସ ମାନଙ୍କ ଠାରୁ ଆଦାୟ କରାଯିବ । ଏହା କେବଳ ବସଷ୍ଟାଣ୍ଡ କୁ ଆସୁଥିବା ବସ ମାନଙ୍କ ଠାରୁ ଆଦାୟ କରାଯିବ ।

**ଖ) ସୋମବାର ହାଟମହାସୁଲ ଆଦାୟ –** ସୋମବାର ହାଟ ଲିଜ ନେବା ବ୍ୟକ୍ତି ହାଟକୁ ଆସୁଥିବା ସମସ୍ତ ବ୍ୟବସାୟୀମାନଙ୍କ ଠାରୁ ଧାର୍ଯ୍ୟ ଦରରେ ମହାସୁଲ ଆଦାୟ କରିବେ । ନିର୍ଦ୍ଧାରିତ ନୂତନ ମଣ୍ଡି ହାଟ ରେ ହିଁ ବ୍ୟବସାୟ କରିବେ । ହାଟ ଦିନ ନିର୍ଦ୍ଧାରିତ ସ୍ଥାନ ବ୍ୟତୀତ ଅନ୍ୟତ୍ର ସ୍ଥାନ କିମ୍ବା ମୁଖ୍ୟ ରାସ୍ତା ଉପରେ କୌଣସି ବ୍ୟବସାୟୀ ବ୍ୟବସାୟ କରିପାରିବେ ନାହିଁ ।

**ଗ) ରାସ୍ତା କଡରେ ବିକ୍ରି ଫି -** ପରିଷଦ ମଧ୍ୟରେ ରାସ୍ତା କଡରେ ବସି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ଠାରୁ ପରିଷଦର ନିର୍ଦ୍ଧାରିତ ମୂଲ୍ୟର ଫି ଆଦାୟ କରିବେ ।

**୫.** ପ୍ରାକୃତିକ ବିପର୍ଯ୍ୟୟ , ଦୈବି ଦୁର୍ବିପାକ କିମ୍ବା ଯେକୌଣସି କାରଣରୁ ଟେଣ୍ଡରଧାରୀ ଖ୍ୟାତି ସହନ୍ତି , ଏଥିପାଇଁ ପରିଷଦ ଦାୟୀ ରହିବେ ନାହିଁ କିମ୍ବା ଟେଣ୍ଡରଧାରୀ କିଛି ଦାବି କରିପାରିବେ ନାହିଁ । ଏଥିପାଇଁ କୌଣସି ରିହାତି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

**୬.** ଟେଣ୍ଡରଧାରୀ ପରିଷଦର ନିର୍ଦ୍ଦେଶ ପ୍ରକାରେ ଚୁକ୍ତି ପତ୍ରର ସର୍ତ୍ତାବଳୀ ମୁତାବକ ସମ୍ପତି ପରିଚାଳନା କରିବେ । କୌଣସି ସର୍ତ୍ତ ଖିଲାପି କାଲେ କିମ୍ବା ନିୟମାନୁଯାୟୀ ସୈରାତ ସମ୍ପତି ପରିଚାଳ ନ କରିଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଅମାନତ ଟଙ୍କା ବ୍ୟାଜ୍ୟାପ୍ତି କରାଯିବ । ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**୭.** ଟେଣ୍ଡରକାରୀ ଯେକୌଣସି ଟେଣ୍ଡର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ ନିମନ୍ତେ ବାଧ ନୁହଁନ୍ତି ।ସେ ଇଚ୍ଛା କଲେ ବୀନା ନୋଟିସ ରେ ,କୌଣସି କାରଣ ନଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ ।

**୮.** ଟେଣ୍ଡର ଖୋଲାଯିବା ସମୟରେ ଟେଣ୍ଡରଧାରୀ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ । ଟେଣ୍ଡର ଖୋଲାଯିବା ସମୟରେ ଟେଣ୍ଡରଧାରୀମାନେ ଯଦି ଉପସ୍ଥିତ ନରୁହନ୍ତି ,ତେବେ ନିୟମାନୁସାରେ ଠିକ ସମୟରେ ଟେଣ୍ଡର ଖୋଲାଯିବ । ଏବାବଦରେ କୌଣସି ପ୍ରକାର ଅଭିଯୋଗ ଟେଣ୍ଡର ଖୋଲାଯିବା ପରେ ଶୁଣାଯିବା ନାହିଁ ।

**୯.** ଯେକୌଣସି କାର୍ଯ୍ୟ ଦିବସରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମ ଟ. ୧୦୦.୦୦ ଙ୍କା ( ଏକ ଶତ) ଦାଖଲ କରି ପାଇ ପାରିବେ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ବୁଝି ପାରିବେ ।

**୧୦.** ଯଦି କୌଣସି ଟେଣ୍ଡରଧାରୀ ଅବଧାରୀ ମୂଲ୍ୟ ଠାରୁ କମ ମୂଲ୍ୟ ରେ ଆବେଦନ କରନ୍ତି ତେବେ ଏହାକୁ ବିଚାରକୁ ନିଆଯିବ ନାହିଁ ଓ ଏହାକୁ ରଦ୍ଦ କରାଯିବ ।

**୧୧.** ସାପ୍ତାହିକ ସୋମବାର ହାଟ ଓ ରାସ୍ତାକଡ ବିକ୍ରି ଫି ନିମନ୍ତେ ପରିଷଦ ଦ୍ୱାରା ନିର୍ଦ୍ଧାରିତ ସବିଶେଷ ମୂଲ୍ୟ ନିମ୍ନରେ ପ୍ରଦାନ କରାଗଲା-

| | |
|---|---|
| ୫ ଫୁଟ x ୫ ଫୁଟ | – ୩୦/- (ତିରିଶ ଟଙ୍କା ମାତ୍ର ) |
| ୧୦ ଫୁଟ x ୧୦ ଫୁଟ | – ୬୦/- (ଷାଠିଏ ଟଙ୍କା ମାତ୍ର) |
| ୧୦ ଫୁଟ x ୧୫ ଫୁଟ | - ୧୦୦ /- ( ଏକ ଶତ ଟଙ୍କା ମାତ୍ର ) |
| ୩୦ ଫୁଟ x ୧୦ ଫୁଟ | – ୨୦୦/- (ଦୁଇ ଶତ ଟଙ୍କା ମାତ୍ର ) |
| ସାପ୍ତାହିକ ସୋମବାର ହାଟ ପିଣ୍ଡି | - ୫୦/- (ପଚାଶ ଟଙ୍କା ମାତ୍ର ) |

**ନିଲାମ ସମ୍ବନ୍ଧିତ ସବିଶେଷ ବିବରଣୀ**

| | ସୈରାତ ନାମ | ନିଲାମ କାର୍ଯ୍ୟକାଳ | ଅବଧାରିତ ମୂଲ୍ୟ | ଅମାନତ ମୂଲ୍ୟ |
|---|---|---|---|---|
| ୧. | ସାପ୍ତାହିକ ହାଟ | ୨୦୨୬-୨୭ | ଟ. ୫,୫୦,୦୦୦.୦୦ | ଟ. ୧,୧୦,୦୦୦.୦୦ |
| ୨. | ରାସ୍ତାକଡ ବିକ୍ରି ଫି | ୨୦୨୬-୨୭ | ଟ. ୬,୧୧,୧୧୧.୦୦ | ଟ. ୧,୨୨,୨୨୨.୦୦ |
| ୩. | ବସ ଷ୍ଟାଣ୍ଡ ପାର୍କିଂ ଫି | ୨୦୨୬-୨୭ | ଟ.୪,୮୪,୪୮୮.୦୦ | ଟ. ୯୬,୮୯୮.୦୦ |
| ୪. | କଂସେଇଖାନା | ୨୦୨୬-୨୭ | ଟ. ୧୩,୧୦୧.୦୦ | ଟ. ୨,୬୨୦.୦୦ |
| ୫. | ମାଛ ମାଂସ ପିଣ୍ଡି | ୨୦୨୬-୨୭ | ଟ. ୧୫,୦୦୪.୦୦ | ଟ. ୩,୦୦୧.୦୦ |

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ
କାମାକ୍ଷାନଗର
Executive Officer
Kamakhyanagar NAC

**ପରିପତ୍ର ସଂଖ୍ୟା-** ୪୪୭ **//ତା-** ୨୪/୨/୨୬ //

ଏହାର ଏକକିତ ନକଲ ଜିଲ୍ଲାପାଳ,ଢେଙ୍କାନାଳ / ଉପ-ଜିଲ୍ଲାପାଳ,କାମାକ୍ଷାନଗର / ତହସିଲଦାର,କାମାକ୍ଷାନଗର / ବ୍ଲକ ଉନ୍ନୟନ ଅଧିକାରୀ ,କାମାକ୍ଷାନଗର/ ଟେଣ୍ଡର କମିଟି ,ବିଜ୍ଞାପିତ ଅଞ୍ଚଳ ପରିଷଦ ,କାମାକ୍ଷାନଗରଙ୍କ ଅବଗତି ତଥା ବହୁଳ ପ୍ରଚାର ପ୍ରସାର ନିମନ୍ତେ ନୋଟିସ ବୋର୍ଡରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ
କାମାକ୍ଷାନଗର
Executive Officer
Kamakhyanagar NAC

**Memo No.-** 558 **//Dt-** 25/2/26 //

Copy submitted to the I & PR Department (e-mail:- ipr.advt@gmail.com,iprnews@gmail.com) with reference to the letter no-1078/HUD dtd 20.01.2021 for publication of the Advertisement for 1 day (One day) on or before **28.02.2026** published in 2 (two) of Odia daily newspapers at an early date for wide publication within a cost of Rs. 5000/- (Five Thousand) each or less and submit the bill after publication in duplicate for payment.

**Executive Officer**
**NAC,Kamakhyanagar**
Executive Officer
Kamakhyanagar NAC

**Memo No.-** 559 **//Dt-** 25/2/26 //

Copy submitted to the D.I.O, NIC, Dhenkanal for kind information with a request to display the same in the District Website for wide publicity till 09.03.2026.

**Executive Officer**
**NAC,Kamakhyanagar**
Executive Officer
Kamakhyanagar NAC

**Memo No.-** 560 **//Dt-** 25/2/26 //

Copy to Notice Board / Office Website.

**Executive Officer**
**NAC,Kamakhyanagar**
Executive Officer
Kamakhyanagar NAC